# ପରିବାରରୁ ରାଷ୍ଟ୍ର ସବୁଠି ନେତୃତ୍ୱ ନେଇପାରିବେ ମହିଳା

**ନବରଙ୍ଗପୁର,୮।୩(ସଦାଶିବ ପ୍ରହରାଜ)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ

ନବରଙ୍ଗପୁର ଜିଲା ପ୍ରଶାସନ ଓ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ମିଶନ ଶକ୍ତି ସଭାଗୃହଠାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଷ୍ଟ୍ର ବିକାଶରେ ମହିଳାମାନଙ୍କର ଭୂମିକା ରହିଛି ବୋଲି ମତଦେବା ସହ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ମହିଳାମାନେ ଆତ୍ମନିର୍ଭରଶୀଳ ହେବାପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ଉପଯୋଗ କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି ଭାରତୀୟ ସଂସ୍କୃତିରେ ନାରୀମାନଙ୍କର ମହନୀୟତାକୁ ମନେପାଇବା ସହ ସାମ୍ବିଧାନିକ ବିଧିବ୍ୟବସ୍ଥାରେ ସେମାନଙ୍କ ପାଇଁ ରହିଥିବା ସୁବିଧା ବିଷୟରେ ମତ ଦେଇଥିଲେ। ମହିଳାମାନେ ନିଜକୁ ଦୁର୍ବଳା ନ ଭାବି ପରିବାରରୁ ରାଷ୍ଟ୍ର ପର୍ଯ୍ୟନ୍ତ ସବୁଠି ନେତୃତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। ଆକ୍ସନଏଡ୍ ସଂସ୍ଥା ଜିଲା ପରାମର୍ଶଦାତା ଫକିର ଚରଣ ରାଉତଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଯଦୁମଣି ନାୟକ, ବିଡିଓ ସୁନୀଲ କୁମାର ଖରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ସହାୟକ ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ମାଝି, ଜିଲାପାଳଙ୍କ ବ୍ୟକ୍ତିଗତ ସହାୟିକା ରୋଶନ ଇକ୍‌ବାଲ, ଶିଶୁମଙ୍ଗଳ କମିଟି ଅଧକ୍ଷା ଅଜନ୍ତା ଶୁଭଦର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣିମା କାଶ୍ୟପ, ଓକିଲ କିଶୋରୀ ପଟ୍ଟନାୟକ, ସିଡିପିଓ ସସ୍ମିତା ମହାନ୍ତି, ବିରଜା ମୋହିନୀ ପାଙ୍ଗୀ, ବିନୀତା ଜେଠୀ, ସଞ୍ଜୁକ୍ତା ବେହେରା, ମୀନତି ନାୟକ ପ୍ରମୁଖ ହିଂସାରେ ଶିକାର ହେଉଥିବା ମହିଳାମାନଙ୍କର ସମସ୍ୟା ଉପରେ ଆଲୋଚନା କରଥିଲେ। ଲିଙ୍ଗଗତ ସମାନତା, ନାରୀ ଶିକ୍ଷା ଓ ମହିଳାମାନଙ୍କର ଆର୍ଥିକ ସଶକ୍ତୀକରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲାରେ ପୋଷଣ ଓ ମହିଳା ଏବଂ କିଶୋରୀ ସଶକ୍ତୀକରଣ ଦିଗରେ ଉଲ୍ଲେଖନୀୟ କାମ କରିଥିବା ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଏସ୍‌ଏଚ୍‌ଜି ମହିଳା, କିଶୋରୀ ବାଳିକା, ଅଙ୍ଗନୱାଡି କର୍ମୀ , ସମସ୍ତ ସିଡିପିଓ, ମହିଳା ସୁପରଭାଇଜର, ଶକ୍ତି ସଦନ ଓ ୱାନ୍‌ଷ୍ଟପ୍ କେନ୍ଦ୍ରର କର୍ମକର୍ତ୍ତାଙ୍କ ସହିତ ଜିଲାର ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ଦ୍ୱିତୀୟ କିସ୍ତି ଟଙ୍କା ପାଇଲେ ୨ଲକ୍ଷ ୮୫ହଜାର ୯୫୨ ମହିଳା

**ନବରଙ୍ଗପୁର,୮।୩(ସଦାଶିବ ପ୍ରହରାଜ)**

## ସୁଭଦ୍ରା ଯୋଜନା

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ପ୍ରଦାନ ସିଧା ପ୍ରସାରଣ କାର୍ଯ୍ୟକ୍ରମ ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପରେ ପୂର୍ବାହ୍ନ ୧୧ଟାରେ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଭାଜପା ଜିଲା ସଭାପତି କୁଞ୍ଜ ବିହାରୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ମହିଳାମାନେ ଦେଶର ସାମାଜିକ ଓ ଆର୍ଥିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଏବଂ ଓଡ଼ିଶା ଇତିହାସର ସର୍ବବୃହତ୍ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ 'ସୁଭଦ୍ରା'ର ଦ୍ୱିତୀୟ କିସ୍ତି ଅର୍ଥ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବ ବୋଲି କହିଥିଲେ। ମହିଳା ସଶକ୍ତୀକରଣର ଏକ ନୂତନ ଯୁଗ ଆରମ୍ଭ ହେଲା ବୋଲି ବିଧାୟକ କହିଥିଲେ। ଏହାର ସଫଳ ରୂପାୟନ ପାଇଁ ପ୍ରଶାସନିକ ଅଧିକାରୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଏସ୍‌ଏଚ୍‌ଜି ସଭ୍ୟା, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର, ସପୋର୍ଟ ଷ୍ଟାଫ୍‌ଙ୍କୁ ଧନ୍ୟବାଦ ଦେଇଥିଲେ।

ପ୍ରକାଶ ଯେ, ନବରଙ୍ଗପୁର ଜିଲାର ୧୦ ବ୍ଲକ ଓ ୨ ଟି ମ୍ୟୁନିସିପାଲଟି ଅଞ୍ଚଳର ୨ଲକ୍ଷ ୮୫ହଜାର ୯୫୨ ଜଣ ମହିଳା ହିତାଧିକାରୀଙ୍କ ଖାତାକୁ ୫୦୦୦ ଟଙ୍କା ଲେଖାଏ ଦ୍ୱିତୀୟ କିସ୍ତି ଅର୍ଥ ରାଶି ଜମା ହୋଇଛି। ଏହି ସମାରୋହରେ ଜିଲାର ବିଭିନ୍ନ ବ୍ଲକରୁ ଅଙ୍ଗନୱାଡ଼ି କର୍ମୀ,ଆଶାକର୍ମୀ, ଏସ୍‌ଏଚ୍‌ଜି ସଭ୍ୟ, ମହିଳା ହିତାଧିକାରୀଙ୍କ ସହ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ରେଡ଼କ୍ରସ୍ ପକ୍ଷରୁ ନବରଙ୍ଗପୁର ଜିଲା ପୁରସ୍କୃତ

**ନବରଙ୍ଗପୁର,୮।୩(ସଦାଶିବ ପ୍ରହରାଜ)**


ପୁରସ୍କାରକୁ ଭାରପ୍ରାପ୍ତ ଶାରିରୀକ ଶିକ୍ଷା ନିରୀକ୍ଷକ ଡିଇଓଙ୍କୁ ହସ୍ତାନ୍ତର କରୁଛନ୍ତି।

ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ରାଜଭବନର ନୂଆ ଅଭିଷେକ ହଲ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ ଉତ୍ସବ ୨୦୨୦-୨୧ ରୁ ୨୦୨୩-୨୪ ପର୍ଯ୍ୟନ୍ତ ଦୀର୍ଘ ୪ ବର୍ଷର ବିଭିନ୍ନ ଶ୍ରେଷ୍ଠ ବିଦ୍ୟାଳୟ, ଶ୍ରେଷ୍ଠ ଜିଲା, ଶ୍ରେଷ୍ଠ କାଉନସିଲ୍ ର ଓ ଶ୍ରେଷ୍ଠ ଭଲ୍ୟୁଣ୍ଟର ମୋଟ ୨୪ ସମ୍ମାନ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ୬ ଗୋଟି ପୁରସ୍କାର ପାଇଛି। ୨୦୨୩-୨୪ ଶିକ୍ଷା ବର୍ଷରେ ନବରଙ୍ଗପୁର ଜିଲା ଓଡ଼ିଶାର ଶ୍ରେଷ୍ଠ ଜିଲା ଭାବେ ପୁରସ୍କୃତ ହୋଇଛି। ଉକ୍ତ ପୁରସ୍କାରକୁ ଜିଲା ଜୁନିୟର ରେଡକ୍ରସ ସମ୍ପାଦକ ତଥା ଭାରପ୍ରାପ୍ତ ଶାରିରୀକ ଶିକ୍ଷା ନୀରିକ୍ଷକ ପ୍ରଭାତ ପଟ୍ଟନାୟକ ଗ୍ରହଣ କରିଥିଲେ। ପ୍ରକାଶ ଯେ, ଏହି ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ତଥା ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ସଭାପତି ଡ. ହରିବାବୁ କୁମ୍ଭମପତି ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ.ବି.ଏସ ରାଜପୁତ, ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶଚନ୍ଦ୍ର ପାତ୍ର, ଯୁବ ରେଡକ୍ରସ୍ ଅଧିକାରୀ ରମେଶ ଚନ୍ଦ୍ର ବେହେରା, ଜୁନିୟର ରେଡକ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲାର ଶ୍ରେଷ୍ଠ ସଫଳତା ପାଇଁ ଡିଇଓ ତଥା ଜିଲା ଜୁନିଅର ରେଡ୍‌କ୍ରସ ଅଧକ୍ଷ ଛତ୍ରପତି ସାହୁ, ଏଡିଇଓ ଡ ରେଶମ୍‌ଲାଲ ନାୟକ, ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଏବଂ ଜିଲା ଜୁନିୟର ରେଡ୍‌କ୍ରସ ଅଫିସର ପ୍ରକାଶିନୀ ଚୋଧୁରୀ, ସରକାରୀ ଉଚ୍ଚବିଦ୍ୟାଳୟ କୋଷାଗୁମୁଡ଼ା ଜୁନିୟର ରେଡକ୍ରସ କାଉନସିଲର ନଳିନୀକାନ୍ତ ପାତ୍ରଙ୍କ ବରିଷ୍ଠ ଓ ଯୁବ ସାଧନ କର୍ମୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ନେଇ କଳସ ଶୋଭାଯାତ୍ରା


ଟୁରୀ ନଦୀ କୂଳରୁ ବାହାରିଥିବା କଳସ ଶୋଭାଯାତ୍ରା।

**ପାପଡ଼ାହାଣ୍ଡି, ୮।୩ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିର ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଶନିବାର ଆରମ୍ଭ ହୋଇଛି। ସକାଳୁ ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକଙ୍କ ମନ୍ଦିର ପରିସରରେ ସମାଗମ ହୋଇଥିଲା। ସମସ୍ତେ ଏକ ଶୋଭାଯାତ୍ରାରେ କଳସ ଯାତ୍ରାରେ ଟୁରୀ ନଦୀକୁ ବାହାରିଥିଲେ। ସେଠାରେ ପୁଜାର୍ଚ୍ଚନା ପରେ ମୁଣ୍ଡରେ ପାଣି ଧରି ମନ୍ଦିରକୁ ଫେରି କଳସ ସ୍ଥାପନ କରିଥିଲେ। ମନ୍ଦିରରେ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ରବିବାର ରତ୍ନମୁଦ ସ୍ଥାପନ ହେବ। ଆସନ୍ତା ୧୦ତାରିଖରେ ପୂଜା କାର୍ଯ୍ୟ ସରିବ। ମନ୍ଦିର ପୂଜା କମିଟି ସଭାପତି ଗୁପ୍ତେଶ୍ୱର ପଟ୍ଟନାୟକ, ଟୁଟୁ ବିଶୋଇ, ଯତୀନ ନାୟକ, ଅଲେଖ ବେହେରା, ତ୍ରିନାଥ ମାଝୀ ଓ କମିଟି ସଭ୍ୟ ଉପସ୍ଥିତ ଥିଲେ।

# ନବନିଯୁକ୍ତ ଶିକ୍ଷକଙ୍କୁ 'ପ୍ରେରଣା' ତାଲିମ

**ଡାବୁଗାଁ, ୮।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ସଦର ମହକୁମାସ୍ଥିତ ବ୍ଲକ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନବ ନିଯୁକ୍ତ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ତାଲିମ୍ 'ପ୍ରେରଣା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୪୮ ଜଣ ଶିକ୍ଷୟତ୍ରୀ ଶିକ୍ଷକ ତାଲିମ ନେଉଛନ୍ତି। ତାଲିମଦାତା ଭାବେ ଶିକ୍ଷୟିତ୍ରୀ ଅନିତା ବେହେରା, ଶୁଭସ୍ମିତା ପାଢୀ ଓ ଶିକ୍ଷକ କମଳାକାନ୍ତ ସାହୁ, ହରେକୃଷ୍ଣ ବାତତ୍ୟା ରହିଛନ୍ତି। ଏଥିରେ ସହଯୋଗୀ ଅନୁଦାନ, ବିଦ୍ୟାଳୟ ଯୋଜନା ପ୍ରସ୍ତୁତି, କ୍ରିୟାତ୍ମକ ଗବେଷଣା, ବହୁ ଶ୍ରେଣୀ ଶିକ୍ଷାଦାନର ପରିଚାଳନା ଓ ବାର୍ଷିକ, ମାସିକ, ଦୈନିକ ପାଠ୍ୟ ଟୀକା ପ୍ରସ୍ତୁତି ଉପରେ ତାଲିମ ଦିଆଯାଉଛି। ବିଇଓ ରଶ୍ମିତା ନେତମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତାଲିମ କାର୍ଯ୍ୟକ୍ରମ ଚାଲିଛି। ଏହା ୧୦ ତାରିଖରେ ଶେଷ ହେବ।


ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ଦିଆଯାଉଛି ।

# ୨୩୯ କୋର୍ଟ କେସ୍, ୧୧,୭୭୬ ରାଜସ୍ୱ ମାମଲା ଫଇସଲା

## ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ନବରଙ୍ଗପୁର,୮।୩(ସଦାଶିବ ପ୍ରହରାଜ)**


ଲୋକ ଅଦାଲତରେ ଏକ କେସ୍ ଫଇସଲା କରାଯାଉଛି।

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା କୋର୍ଟ ପରିସରରେ ଜିଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତି ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଦାବି ବାବଦକୁ ଫଇସଲା କରି ୭ଲକ୍ଷ ୫୦ ହଜାର ଓ ୬ ଟି ଅନ୍ୟ ଦେୱାନି କେସ ଫଇସଲା କରି ୧୯ଲକ୍ଷ ୨୭ହଜାର ୫୬୭ ଟଙ୍କା କ୍ଷତିପୂରଣ ଆଦାୟ କରିଛନ୍ତି। ପରିବାର ବିଚାର ବିଭାଗୀୟ ଜଜ୍ ଲିଲିପ୍ସା ପସାୟତ ୧୫ ପାରିବାରିକ ସମାଧାନ କରିଛନ୍ତି । ସେଥିମଧ୍ୟରୁ ୨ କେସ୍‌ରେ ଦୀର୍ଘ ଦିନ ବିବାଦର ଅନ୍ତ ଘଟାଇ ଦମ୍ପତ୍ତୀଙ୍କ ମଧ୍ୟରେ ଆପୋଷ ମିଳାମିଶା କରାଇଛନ୍ତି। ଅତିରିକ୍ତ ଜିଲା ଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର ଗୋଟିଏ ଦେୱାନି କେସ ଫଇସଲା କରିଛନ୍ତି। ବରିଷ୍ଠ ଦେୱାନୀ ଜଜ୍ ମୋନିତା ତ୍ରିପାଠୀ ୨ ଟି ବ୍ୟାଙ୍କ ରଣଦେୟ ସମ୍ବନ୍ଧୀୟ ବିବାଦର ଫଇସଲା କରି ଟ.୯ଲକ୍ଷ ୯୯୨୬.୭୦ ଟଙ୍କା ଋଣ ଆଦାୟ କରିଛନ୍ତି। ବରିଷ୍ଠ ଦେୱାନୀ ଜଜ୍ ମହିଳା କୋର୍ଟ) ୦୬ ଟି ଫୌଜଦାରୀ ମକଦ୍ଦମାର ଫଇସଲା କରିଛନ୍ତି। ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟ ଶଙ୍କର ମହନ୍ତ ୧୧୮ ଫୌଜଦାରୀ ମକଦ୍ଦମାର ଫଇସଲା କରି ୧୧ଲକ୍ଷ ୫୦ ହଜାର ଜରିମାନା ଆଦାୟ କରିଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୨୩୯ କୋର୍ଟ କେସ ଓ ୧୧,୭୭୬ ଗୋଟି ରାଜସ୍ୱ କେସର ଫଇସଲା କରାଯଇ ୧୫ଲକ୍ଷ ୮୨ହଜାର ୬୨୩ ରାଜସ୍ୱ ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କର ୨୨ ପ୍ରାକ ମକଦ୍ଦମା ମଧ ଫଇସଲା କରାଯାଇ ୨ଲକ୍ଷ ୭୭ହଜାର ଋଣ ଆଦାୟ କରାଯାଇଛି। ସେହିଭଳି ବିଏସ୍‌ଏନ୍‌ଏଲ ଓ ଟିପିଏସ୍‌ଓଡିଏଲ ୧୯ ପ୍ରାକ ମକଦ୍ଦମା ମଧ ଫଇସଲା କରାଯାଇ ୫,୨୩,୪୯୮/- ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅନ୍ୟ ଅତିଥିଭାବେ ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ସୀମା ତ୍ରିପାଠୀ ଓ ରେଜିଷ୍ଟ୍ରାର ଜିଲା କୋର୍ଟ ସୁକାନ୍ତ କିଶୋର ଜେନା ଯୋଗ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧୀକରଣର ସଚିବ ସାଇ ଅଭୀପ୍ସା ଗୋଚ୍ଛାୟତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ପରିଚାଳନା କରିଥିଲେ। କୋର୍ଟର ଆଇନଜୀବୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଚନ୍ଦାହାଣ୍ଡିରେ ରାଷ୍ଟ୍ରୀୟ ଲୋକ ଅଦାଲତ


ଲୋକ ଅଦାଲତର ବିଚାରପତି, ଆଇନଜୀବୀ ଓ ଅନ୍ୟମାନେ।

**ଚନ୍ଦାହାଣ୍ଡି, ୮।୩(ଦିଲୀପ ଦାସ )**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିସ୍ଥିତ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ଜରିନ୍ ଖାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ୩ ଫୌଜଦାରୀ ମାମଲାର ଓ ୭ ବ୍ୟାଙ୍କ ସମ୍ବନ୍ଧୀୟ ମାମଲା ଫୈସଲା ହୋଇଥିଲା। ଏହି ଲୋକ ଅଦାଲତରେ ବରୋଦା ବ୍ୟାଙ୍କ ଶାଖା ପରିଚାଳକ ଯୋଗେଶ ବଗାର, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ମହେନ୍ଦ୍ରନାଥ ସିଂ, ରୋଶନ ଲାକ୍ରା, ଆଇନଜୀବୀ ମହମ୍ମଦ ହୁସେନ, କ୍ଷେମରାଜ ବାଘ, ଭୀଷ୍ମ ସୁନା, ଶ୍ୟାମସୁନ୍ଦର ସୁନାନୀ, କୋର୍ଟ କର୍ମଚାରୀ କେଶରୀ ମନହିରା, ଆଶିଷ ସାହୁ, ପ୍ରବୀଣ ଦାସ, ନିଲୁ ଶବର,ଅମ୍ରିତା କୁଲଦୀପ,ଭରତ ଦାସ,ବୃନ୍ଦାବନ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ଏସ୍‌ଡି ସେବାଶ୍ରମ, ଏସ୍‌ଏସ୍‌ଡି ହାଇସ୍କୁଲ ବାର୍ଷିକ ଉତ୍ସବ

**ଟେନ୍ତୁଳିଖୁଣ୍ଟି, ୮।୩(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ଟେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟ ଓ ଡ଼େଙ୍ଗାଗୁଡ଼ା ଆବାସିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାତ୍ରପୁଟ ଏସ୍‌ଏସ୍‌ଡି ସେବାଶ୍ରମ ବାର୍ଷିକ ଉତ୍ସବରେ ସରପଞ୍ଚ ଶିବାନନ୍ଦ ପ୍ରଧାନୀ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ବିଷୋୟୀ, ଅଚ୍ୟୁତାନନ୍ଦ ବିଷୋୟୀ, ଲକ୍ଷ୍ମଣ ବିଷୋୟୀ, ଜିଲା ଶିକ୍ଷକ ସଂଘ ସଭାପତି କ୍ଷେତ୍ରମୋହନ ବିଷୋୟୀ, ମୋହନ ରାଓ, କୁଜଜାନିଗୁଡ଼ା ପ୍ରଧାନଶିକ୍ଷକ ରାମଣୀରଞ୍ଜନ ଗରଡ଼ା, ବ୍ରଜବଲ୍ଲଭ ବ୍ରହ୍ମା, ସୁବାସ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଡମ୍ବରୁଧର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ୯୦ଜଣ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ରତିକାନ୍ତ ଦୁବେ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଡ଼େଙ୍ଗାଗୁଡ଼ା ସେବାଶ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଦୁର୍ଯ୍ୟ ଜାନୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ଗୌରୀଶଙ୍କର ମାଝୀ, ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ନୀଳାଦ୍ରି ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ଜିଲା ପରିଷଦ କ୍ରିଷ୍ଣା ମଞ୍ଜରୀ ବିଷୋୟୀ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ବିଭାଗର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି।

# ୨ ପୃଥକ୍ ମାମଲାରେ ୭ କୋର୍ଟ ଚାଲାଣ

**ବୈପାରୀଗୁଡା, ୮।୩(କଳ୍ପତରୁ ମହାନ୍ତି)**

୨ପୃଥକ ମାମଲାରେ ବୈପାରୀଗୁଡା ପୋଲିସ ୭ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଦଶମନ୍ତପୁର ପଞ୍ଚାୟତ ଗାଦବାଗୁଡ଼ାର ଧନ ମୁଣ୍ଡାଗୁଡ଼ିଆଙ୍କ ଘରୁ ୨ଟି ବାଇକ୍ ଚୋରି ମାମଲାରେ ଧନ କାକଲପଡିଆ, ପରେମଶ୍ୱର ଗାଦାବା, ପ୍ରଶାନ୍ତ ନାୟକ ଏବଂ ରବି ମାଝୀଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୨ଟି ଚୋରା ବାଇକ, ୧୦ ହଜାର ଟଙ୍କା ଓ ୨ଟି ମୋବାଇଲ୍ ଜବତ କରାଯାଇଛି। ଦ୍ୱିତୀୟ ମାମଲାରେ ଚୋରି କରିବା ଯୋଜନା କରୁଥିବା ୩ ଅଭିଯୁକ୍ତଙ୍କୁ ପୋଲିସ୍ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାମଗିରିର ବିନୟ ଗୁନିଆ,ରବିନ୍ଦ୍ର ସଗରିଆ, ଭଗବାନ ସଗରିଆ। ସେମାନଙ୍କଠାରୁ ଏକ ଖେଳଣା ପିସ୍ତଲ ସହ ୨ଟି ଧାରୁଆ ଅସ୍ତ୍ର ଓ ଗୋଟିଏ ଲୁହା ପଞ୍ଚ ଜବତ କରାଯାଇଛି।

# ଆଧାରକାର୍ଡ ଛଡ଼ାଇ ନେଲା ମାସିକ ଭତ୍ତା, ଚାଉଳ

**ବୈପାରୀଗୁଡା,୮।୩(କଳ୍ପତରୁ ମହାନ୍ତି)**

## ମୌଳିକ ସୁବିଧାରୁ ବଞ୍ଚିତ ବୃଦ୍ଧା

ସରକାରୀ ଯୋଜନାରେ ସ୍ୱଚ୍ଛତା ପାଇଁ ସବୁ କ୍ଷେତ୍ରରେ ଆଧାରକାର୍ଡକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଏହା ଜଣେ ଅସହାୟ ବୃଦ୍ଧାଙ୍କୁ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ କରିଛି। ବୈପାରୀଗୁଡ଼ା ବ୍ଲକ୍ ଅନ୍ତର୍ଗତ ଦଣ୍ଡାବାଡି ଗ୍ରାମର କାତା ଖରା(୭୦)ଙ୍କ ସ୍ୱାମୀ ଲାଲା ଖରାଙ୍କ ୧୦ ବର୍ଷ ହେବ ମୃତ୍ୟୁ ହୋଇଛି। ସ୍ୱାମୀ ଚାଲିଯିବା ପରେ ପୁଅବୋହୁ ଅଲଗା ରହିଲେ। କାତାଙ୍କୁ ମାସିକ ବିଧବା ଭତ୍ତା ୫ଶହ ଟଙ୍କା ତଥା ସ୍ୱାମୀଙ୍କ ନାମରେ ଥିବା ରାଶନ କାର୍ଡରେ ୫ କେଜି ଚାଉଳ ମିଳୁଥିଲା। କିନ୍ତୁ ଆଧାରକାର୍ଡ କାର୍ଯ୍ୟକାରୀ ହେବା ପରେ ନିଜର ଅସହାୟତା କାରଣରୁ ସେ ଏହା ଯୋଗାଡ କରିପାରିଲେ ନାହିଁ। ଫଳରେ ୨ ବର୍ଷ ତଳୁ ତାଙ୍କୁ ଭତ୍ତା ଟଙ୍କା ମିଳିବା ବନ୍ଦ ହୋଇଯାଇଥିଲା। ମାସରେ ମିଳୁଥିବା ୫ କେଜି ଚାଉଳ ବଞ୍ଚିବା ପାଇଁ ଏକ ମାତ୍ର ଭରସା ଥିବା ବେଳେ ଏହା ବର୍ଷକ ତଳେ କଟିଯାଇଛି। ଆଧାରକାର୍ଡ ଯୋଗୁ ସେ ଏଥିରୁ ବାଦ୍ ପଡ଼ିଛନ୍ତି। ସେ ଅତି ଦୟନୀୟ ଅବସ୍ଥାରେ ସଂଗ୍ରାମ କରୁଥିବା ବେଳେ ଅଧାଦିନ ଝିଅ ଜ୍ୱାଇଁ ଘରେ ରହୁଛନ୍ତି ଓ ଅନ୍ୟକୁ ହାତ ପତାଇ ଖାଇବାକୁ ମାଗୁଛନ୍ତି। ୨୦୨୩ରେ କାତାଙ୍କର ଏପରି ଅବସ୍ଥା ଦେଖି ସ୍ଥାନୀୟ ୱାର୍ଡମେମ୍ବର ସହାୟତା କରି ଆଧାରକାର୍ଡ କରାଇ ଦେଇଥିଲେ। କିନ୍ତୁ ଭତ୍ତା ଓ ଚାଉଳ ହିତାଧିକାରୀ ତାଲିକାରେ ବର୍ତ୍ତମାନ ସୁଦ୍ଧା ସେ ଅନ୍ତର୍ଭୁକ୍ତ ହୋଇପାରୁନାହାନ୍ତି।


କାତା ଖରା।

ଏ ସମ୍ପର୍କରେ ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ଦୀପ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରୁ ଏହାର ମୁଖ୍ୟ କାରଣ ଆଧାରକାର୍ଡ ବୋଲି କହିଛନ୍ତି। ଆଇ ସ୍କାନିଂ ନେଉନଥିବାରୁ ଚାଉଳ ଦିଆଯାଉ ନ ଥିବା ସେ କହିଛନ୍ତି। ମାସିକ ଭତ୍ତା ସମ୍ପର୍କରେ ବ୍ଲକ୍ ସାମାଜିକ ଶିକ୍ଷାଧିକାରୀ କାର୍ତ୍ତିକ ପାଢୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କାତାଙ୍କର ଭତ୍ତା ସମ୍ପର୍କିତ ତଥ୍ୟରେ କାର୍ଡ ମିଳୁ ନ ଥିବା ସେ କହିଥିଲେ। ଏ ସମ୍ପର୍କରେ ସେ ନୂଆରେ ଡିଜିଟାଲାଇଜେସନ୍ ପାଇଁ ଜିଲାକୁ ପଠାଇଛନ୍ତି। ଚଳିତ ମାସ ଶେଷ ସୁଦ୍ଧା କାତାଙ୍କୁ ଭତ୍ତା ପୁନର୍ବାର ଲାଗୁ କରିବେ ବୋଲି ପ୍ରତଶ୍ରୁତି ଦେଇଛନ୍ତି।

# ଟେଣ୍ଡରର ଅବଧି ସରିବାର ବର୍ଷେ ବିତିଲା, କାମ କରୁନାହାନ୍ତି ଠିକାଦାର

**କୋରୁକୋଣ୍ଡା, ୮।୩(ଶିବଦତ୍ତ ସାହୁ )**


ଆବଡାଖାବଡା ରାସ୍ତା ।

- ପ୍ରଭାବ ପକାଇଲା ଧରିତ୍ରୀ ଖବର
- ଚିତାପାରି-୪ରୁ ପୁରୁଣା ଚିତାପାରି ରାସ୍ତା
- ୨.୫ କି.ମି. ପାଇଁ ଖର୍ଚ୍ଚ ହେବ ୨କୋଟି ୪ ଲକ୍ଷ ୫୨ ହଜାର ଟଙ୍କା

୨୦୧୪-୧୫ରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମାଲକାନଗିରି ଜିଲା ବାଲିମେଳା ସହର ଚିତାପାରି -୪ ରୁ ପୁରୁଣା ଚିତାପାରି ପର୍ଯ୍ୟନ୍ତ ପ୍ରାୟ ୨.୫ କି.ମି. ରାସ୍ତା ନିର୍ମାଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପ୍ରାୟ ୧ କୋଟି ୩୦ଲକ୍ଷ ୧୩ ହଜାର ଟଙ୍କା ବ୍ୟୟରେ ଠିକାଦାର ରବୀନ୍ଦ୍ର ଭୋଳଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ଆସନ୍ତା ୫ ବର୍ଷ ମଧ୍ୟରେ ଉକ୍ତ ରାସ୍ତାକୁ ରକ୍ଷଣାବେକ୍ଷଣ ନିମନ୍ତେ ବିଭାଗ ପକ୍ଷରୁ ୭ ଲକ୍ଷ ୨୨ ହଜାର ଟଙ୍କା ରହିଥିଲା। ତେବେ ସେଠାରେ ହୋଇଥିବା ନିମ୍ନମାନର କାର୍ଯ୍ୟ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହିରାସ୍ତା ମରଣଯନ୍ତା ପାଲଟିଛି। ଏହିକାମକୁ ନେଇ ବାରମ୍ବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବିଭାଗ ଏହାର ପୁନଃ ନିର୍ମାଣ ଦିଗରେ ତତ୍ପରତା ଦେଖାଇଛି। ଫଳରେ କାମ ଆରମ୍ଭ କରିବେ ବୋଲି ଠିକାଦାର କହିଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସୂଚନା ଅନୁଯାୟୀ, ନୂତନ ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପ୍ରାୟ ୧ କୋଟି ୪ ଲକ୍ଷ ୫୨ ହଜାର ଟଙ୍କା ବ୍ୟୟ ଅଟକଳରେ ୨୦୨୩ରେ ଟେଣ୍ଡର ହୋଇଥିଲା। ଏହା ସରିବା ପରେ କୋରାପୁଟ ଜିଲା ସେମିଳିଗୁଡ଼ା ଅଞ୍ଚଳର ସସ୍ମିତା ବେହେରାଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ନିର୍ମାଣ କାର୍ଯ୍ୟ ୧୯।୧୦।୨୩ରୁ ଆରମ୍ଭକରି ୧୮।୪।୨୪ରେ ଶେଷ କରିବାକୁ ଚୁକ୍ତି ହୋଇଥିଲା। ଶେଷ ତାରିଖର ଅବଧି ସରି ପ୍ରାୟ ବର୍ଷେ ହେବାକୁ ଯାଉଛି। ଠିକାଦାରଙ୍କ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଗଲା ନାହିଁ। ବିଭାଗ ପକ୍ଷରୁ ଠିକାଦାରଙ୍କୁ ବାରମ୍ବାର ଚିଠି ପଠାଯାଇଥିବା ଜଣାପଡିଛି । ମାସେ ପୂର୍ବେ ଠିକାଦାରଙ୍କ ପକ୍ଷରୁ ଉକ୍ତ ରାସ୍ତାରେ କିଛି ମେଟାଲ ମିଶିଥିବା କ୍ରଶରଡଷ୍ଟ ବିଛାଯାଇଥିଲା। ରାସ୍ତାର କିଛି ସ୍ଥାନ ତଥା ମଝିରେ ଟ୍ରାକ୍ଟର ଓ ଟ୍ରକ୍‌ରେ ଢଳାଯାଇଥିବା ମେଟାଲ ମିଶ୍ରିତ ଡଷ୍ଟ ଜମାହୋଇ ରହିଛି। ଫଳରେ ଲୋକେ ଯାତାୟାତ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

ସମ୍ପୃକ୍ତ ଠିକାଦାରଙ୍କୁ ଫୋନ କରାଯାଇଥିଲା। ତାଙ୍କ ସ୍ୱାମୀ କହିଥିଲେ,ସେ ପୂର୍ବରୁ ଯେତିକି କାମ କରି ସାରିଛନ୍ତି ତାହାର ବିଲ୍ ମିଳିନାହିଁ। ୭/୮ ଦିନ ମଧ୍ୟରେ କାମ ଆରମ୍ଭ କରିବେ । ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଲୋକନାଥ ଭୋଳଙ୍କୁ ପଚାରିବାରୁ ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ତାଙ୍କୁ ବିଭାଗ ପକ୍ଷରୁ ଚିଠି କରାଯାଇଛି। ଯଦି ଠିକାଦାର କୌଣସି ବିଲ୍ ପାଇନାହାନ୍ତି ତେବେ କେଉଁ କାରଣରୁ ମିଳିନାହିଁ ସେଥିପାଇଁ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ ବୋଲି କହିଛନ୍ତି।

**ସଂକ୍ଷେପରେ**

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଚିତ୍ରକୋଣ୍ଡା,୮।୩ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଡପଦର ଗ୍ରାମ ପଞ୍ଚାୟତର ଆର୍.ଏସ୍.ସି. ୧୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବଡପଦର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ପାଚିକା ମୋଟ ୫୦ରୁ ଉର୍ଦ୍ଧ୍ୱ ମହିଳଙ୍କୁ ଗାୟତ୍ରୀ ଦେବୀ ସମ୍ମାନୀତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡପଦର ପଞ୍ଚାୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନମିତା ଦାସ, ନାଏବ ସରପଞ୍ଚ ଭକ୍ତରାମ ଶିଶା, ସମାଜସେବୀ ଜଗୁ ଡ୍ରୁରୁ, ପ୍ରସାଦ ଅନୁପାଲ, ସିଆରସିସି ଲଳିତ କୁମାର ବେହେରା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିଳାଦ୍ରି କୁମାର ରାଉତ ସାମନ୍ତ ପ୍ରମୁଖ ଉପସ୍ଥିତ ଥିେ। ଏହି ଦିବସ ଉପଲକ୍ଷେ ନାରୀ ଶକ୍ତିର ମହତ୍ୱ, ନାରୀ ପୁରୁଷ ସହିତ ସମକକ୍ଷ ହୋଇପାରିଛି ବୋଲି ଉଦାହରଣ ମାଧ୍ୟମରେ ଉପସ୍ଥିତ ଅତିଥି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ।

## ସୀମାନ୍ତରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ଜନ ସମ୍ପର୍କ ଶିବିର

ମାଲକାନଗିରି, ୮।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲା ଆବାପାଲ୍ଲୀ ସିଆରପିଏଫ ୬୨ ବାଟାଲିୟନ ତରଫରୁ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମ ଦୁଗଇଗୁଡା, ଚିନ୍ତାକୋଣ୍ଡା, ପୁନ୍ନୁର, କମରଗୁଡା, କୋତାଗୁଡା ପ୍ରଭୃତି ଗ୍ରାମରୁ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ୬୨ ବାହିନୀ କମାଣ୍ଡେଣ୍ଟ କେରିପୁ ପ୍ରମୋଦ କୁମାର ସିଂଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ମାଓବାଦୀଙ୍କ ମୂଳପୂଛ କରିବା ପାଇଁ ସୁରକ୍ଷା କର୍ମୀମାନେ ସଂକଳ୍ପବଦ୍ଧ ବୋଲି ଗ୍ରାମବାସୀଙ୍କୁ କହିଥିଲେ। ତେଣୁ ଗ୍ରାମବାସୀଙ୍କ ଯେ କୌଣସି ଅସୁବିଧା ହେଲେ ନିକଟରେ ଥିବା କ୍ୟାମ୍ପ ସହ ସମ୍ପର୍କ କରିବା ପାଇଁ କହିଥିଲେ। ଏହି ଅବସରରେ ଉପସ୍ଥିତ ଗ୍ରାମବାସୀଙ୍କୁ ପୋଷାକ, କ୍ରୀଡା ସାମଗ୍ରୀ, ଘର ଉପକରଣ ସାମଗ୍ରୀ, ଛୋଟ ପିଲାଙ୍କୁ ଶିକ୍ଷା ସାମଗ୍ରୀ ବଣ୍ଟନ କରାଯାଇଥିଲା। ପରେ ଗ୍ରାମରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ କରାଯାଇ ସମସ୍ତ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା।

## ଜୟପୁରରେ ପହଞ୍ଚିଲା ପ୍ରକୃତି ସୁରକ୍ଷା ପଦଯାତ୍ରା

ଜୟପୁର,୮।୩(ପବନ ପାଣିଗ୍ରାହୀ)

ମାଲକାନଗିରିରୁ ବାହାରିଥିବା ପ୍ରକୃତି ସୁରକ୍ଷା ପଦଯାତ୍ରା ଶୁକ୍ରବାର ଜୟପୁରରେ ପହଞ୍ଚିଛି। ରାଷ୍ଟ୍ରୀୟ ସ୍ତରର ସାମାଜିକ କର୍ମୀ ତଥା ଗାନ୍ଧୀବାଦୀ ପ୍ରକୃତି ରକ୍ଷକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପଦଯାତ୍ରା ହୋଇଛି। ରାୟଗଡ଼ାର ବଳରାମ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ଥାଟୋଇ, ଓଡ଼ିଶା ସ୍ୱାସ୍ଥ୍ୟ ସେବାସମିତି ଉପସଭାପତି ସ୍ମୃତିଶେଖର ସାହୁ, ମହାରାଷ୍ଟ୍ରରୁ ଆସିଥିବା ନେହାଲ ଗାନ୍ଧୀ, ଜଗଦୀଶ ଚାଣ୍ଡକ, ସନ୍ଦିପ ଚାଟେ, ସୂର୍ଯ୍ୟ ପ୍ରଧାନ,ସାମାଜିକ କାର୍ଯ୍ୟକର୍ତ୍ତା ପୁରୀ, ନୀଳକଣ୍ଠ ବେଦ୍ୟ ସଂଘ ମାଲକାନଗିରି ତଥା ରାୟଗଡା, କୋରାପୁଟ ଜିଲାର ବିଭିନ୍ନ ଗାଁର ପ୍ରକୃତି ସଂରକ୍ଷକ ଆଦିବାସୀ ଯୁବତୀଯୁବକମାନେ ପଦଯାତ୍ରାରେ ସାମିଲ ହୋଇଥିଲେ। ଦିନକୁ ୧୫ କି.ମି. ହିସାବରେ ୪୪ ଦିନରେ ୬୭୦ କି.ମି . ଅତିକ୍ରମକରି ଏପ୍ରିଲ ୧୨ରେ ପୁରୀରେ ପହଞ୍ଚିବ। ମାର୍ଚ୍ଚ ୧୪ରେ ହେବାକୁ ଥିବା ଜାତୀୟ ସମ୍ମିଳନୀରେ ଯୋଗଦେବେ। ଟାଙ୍କୁଆରୁ ସାମାଜିକ କର୍ମୀ କୃଷ୍ଣ କେଶବ ଷଡ଼ଙ୍ଗୀ, ଅମୂଲ୍ୟ ପାଣିଗ୍ରାହୀ ଓ ଜଗଦୀଶ ପାଣିଗ୍ରାହୀ ଓ ଟାଙ୍କୁଆ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ସ୍ୱାଗତ କରିଥିଲେ। ବାମୁଣିଗାଁ ବନ ବିଭାଗ ଆଶ୍ରୟସ୍ଥଳରେ ରାତ୍ରିଯାପନ ପରେ ଶନିବାର ପୁରୀ ଅଭିମୁଖେ ବାହାରିବ।

## ହତ୍ୟା ଧମକ ଦେବା ଅଭିଯୋଗ, ଜଣେ ଗିରଫ

ଜୟପୁର,୮।୩(ପବନ ପାଣିଗ୍ରାହୀ)

ଜୟପୁର ସଦରଥାନା ଅଞ୍ଚଳର ଦୁବ୍ଲିଗ୍ରାମର କିନକର ସରକାରଙ୍କ ଘରେ ପଶି ଜୀବନରେ ମାରି ଦେବା ଧମକ ଅଭିଯୋଗରେ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଡମ୍ବଗୁଡା ଗ୍ରାମର କୃଷ୍ଣ ଟାକ୍ରି। କୃଷ୍ଣ ୫ଜଣ ଯୁବକଙ୍କ ସହ କିନକରଙ୍କ ଘରେ ପଶି ଏକ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଛୁରି ଦେଖାଇ ଜୀବନରେ ମାରିଦେବା ଧମକ ଦେଇଥିଲେ। ଏ ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା।

# ବଡ଼ଯାତ୍ରା ପାଇଁ ମାଲକାନଗିରି ସହର ଉତ୍ସବମୁଖର

### କନ୍ୟାମାଝି ବନ୍ଧ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ

ମାଲକାନଗିରି,୮।୩ (ନୃସିଂହ ଚରଣ ମହାନ୍ତି)


ବିମାନ ଯୋଗେ ଠାକୁରମାନଙ୍କୁ କନ୍ୟାମାଝି ବନ୍ଧ ପୀଠରୁ ଅଣାଯାଉଛି।

ବଡ଼ଯାତ୍ରା ପାଇଁ ମାଲକାନଗିରି ଜିଲା ଉତ୍ସବମୁଖର ହୋଇଉଠିଛି। ପ୍ରତି ୨ ବର୍ଷରେ ଥରେ ପାଳନ ହେଉଥିବା ଏହି ଯାତ୍ରା ପ୍ରାୟ ୧ ମାସ ଧରି ପାଳନ ହେଉଥିବାବେଳେ ବିଭିନ୍ନ ନୀତିକାନ୍ତି ଓ ପୂଜା ଆରମ୍ଭ ହୋଇଯାଇଛି। ବଡ଼ଯାତ୍ରା ପାଇଁ ଆନ୍ଧ୍ରପ୍ରଦେଶସ୍ଥିତ ତାଡକାରେଉ କୁଣ୍ଡରେ ୩ ଠାକୁର ପ୍ରଭୁ କାନମ ରଜୁ, ବାଲରାଜୁ, ପୋତ ରାଜୁ ଓ ମାଁ ମୁତିୟାଲୁ ଅମ୍ମାଙ୍କୁ ସ୍ନାନ ପରେ ମାଲକାନଗିରି ଅଭିମୁଖେ ଅଣାଯାଇଛି। ପବିତ୍ର ତମସା ନଦୀକୂଳରୁ ସୁସଜ୍ଜିତ ବିମାନ ଯୋଗେ ଠାକୁରମାନଙ୍କୁ ପ୍ରାୟ ୧୦୦ କି.ମି. ବାଟ ଭକ୍ତମାନେ ଶୋଭାଯାତ୍ରାରେ ଆଣିବା ପରେ ଶନିବାର ଠାକୁରଙ୍କ ବିମାନ ମାଲକାନଗିରି ଜିଲା ସଦରସ୍ଥିତ କନ୍ୟାମାଝି ବନ୍ଧ ପୀଠରେ ପହଞ୍ଚିଥିଲା। ରାସ୍ତା ତମାମ ଭୋଗପାଇ ଆସୁଥିବା ଠାକୁରଙ୍କ ବିମାନ ପହଞ୍ଚିବା ପରେ ପାଟପୂଜାରୀ, ପୂଜା କମିଟିର ସଭାପତି ତହସିଲଦାର ଓ ଅନ୍ୟ ଅଧିକାରୀ ଏବଂ ପୂଜା କମିଟିର ସଦସ୍ୟମାନେ ରାଜଭୋଗ ଲଗାଇବା ପରେ ଠାକୁରଙ୍କୁ ପାଳ ମଣ୍ଡପକୁ ପ୍ରବେଶ କରାଯାଇଥିଲା। ମାନସିକଧାରୀ ଭକ୍ତମାନେ ଠାକୁରଙ୍କୁ ଦର୍ଶନକରି ଭୋଗ ଲଗାଇଥିଲେ। କାଳସୀ ନୃତ୍ୟ ସାଙ୍ଗକୁ ଦିଶାରି, ପୂଜାରୀ, ଗୁଣିଆ ଏବଂ ଲାଠିଧାରୀଙ୍କ ନାଟବେଶ ଚମତ୍କାର ଥିଲା। ଏହି ଅବସରରେ ପୋଲିସ ପ୍ରଶାସନ, ସତ୍ୟସାଇ ସେବା ସଂସ୍ଥା, ଶିବାନନ୍ଦ ଆଶ୍ରମ, ଜୟ ମାଲକାନଗିରି ସହ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯୁବକ ସଂଘ ପକ୍ଷରୁ ସମସ୍ତ ଭକ୍ତଙ୍କ ପାଇଁ ଦହିପଣା, ଲେମ୍ବୁପାଣି ଓ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ଭକ୍ତଙ୍କ ଉତ୍ତମ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଓଡ଼ିଶା, ଆନ୍ଧ୍ର, ତେଲଙ୍ଗାନା, ଛତିଶଗଡ଼ ରାଜ୍ୟରୁ ଭକ୍ତମାନେ ଏହି ପୂଜାରେ ସାମିଲ ହୋଇଥିଲେ। ତେବେ ଶନିବାର ରାତ୍ରରେ ବଡ ଠାକୁରଙ୍କ ବିମାନକୁ ମହା ପଟୁଆରରେ ଶୋଭାଯାତ୍ରାରେ ରାତିରେ କନ୍ୟାମାଝି ବନ୍ଧରୁ ମାଣ୍ଡିଆଭଟା ମଣ୍ଡପ ନିକଟକୁ ନିଆଯାଇ ସେଠାରେ ରାତ୍ରରହଣି କରାଯିବ। ତେବେ ବଡଯାତ୍ରା ପାଇଁ ମାଲକାନଗିରି ସହରରେ ମିନାବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ଦୋକାନ ବଜାର ଖୋଲାଯାଇଛି। ଫଳରେ ସମଗ୍ର ମାଲକାନଗିରି ସହର ଉତ୍ସବମୁଖର ହୋଇପଡ଼ିଛି।

## ଜିଲାରେ ୧,୩୪,୬୧୦ ମହିଳା ପାଇଲେ ସୁଭଦ୍ରା ଦ୍ୱିତୀୟ କିସ୍ତି

ମାଲକାନଗିରି,୮।୩(ନୃସିଂହ ଚରଣ ମହାନ୍ତି)


ଜିଲାପାଳ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ମାଲ୍ୟବନ୍ତ ଛାତ୍ରାବାସ ପରିସରରେ ଶନିବାର ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗଦେଇ ଥିବାବେଳେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଏପିଡି ଆଡମିନ ରାମଚନ୍ଦ୍ର ଖଡ଼ିଆ ଓ ଉପ ଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଏହି ଯୋଜନା ଦ୍ୱାରା ମାତୃଶକ୍ତିଙ୍କ ବିକାଶ ହୋଇପାରିଛି ଓ ସେମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାରେ ଏହା ସହାୟକ ହୋଇପାରିଛି ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ସେହିପରି ଜିଲାରେ ୧,୪୯,୧୫୩ ଜଣ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଥିବା ବେଳେ ୧,୩୬,୯୩୩ ଜଣ ଏଥିରେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଜି ସୁଦ୍ଧା ୧,୩୪,୬୧୦ ଜଣ ମହିଳା ସୁଭଦ୍ରା ଯୋଜନାରେ ଆର୍ଥିକ ରାଶି ପାଇଛନ୍ତି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ମା' ଏବଂ ବିଦ୍ୟାଳୟ ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ୨ ହଜାରରୁ ଅଧିକ ମା' ରାଜ୍ୟସ୍ତରରେ ଆଭାସି ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ତେରେସ୍କଭା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲା ଖାଦ୍ୟ ଯୋଗାଣ ଅଧିକାରୀ ଓ ଅନ୍ୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ, ୫୪୮୧ ମାମଲା ଫଇସଲା

ମାଲକାନଗିରି,୮।୩ (ଗୌରୀଶଙ୍କର ପଣ୍ଡା)


ରାଷ୍ଟ୍ରୀୟ ଲୋକ ଅଦାଲତ ମାମଲାର ଫଇସଲା କରାଯାଉଛି।

ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ, ତାଲୁକ ଆଇନସେବା ପ୍ରାଧିକରଣ, ମୋଟୁ ଏବଂ ମାଥିଲି ଜେଏମ୍ଏଫ୍ସି, ଓ କୁଡୁମୁଲୁଗୁମ୍ମା ଜେଏମ୍ଏଫ୍ସି, କୋରୁକୋଣ୍ଡା ଗ୍ରାମ ନ୍ୟାୟାଳୟ ଦ୍ୱାରା ପ୍ରଥମ ଜାତୀୟସ୍ତରୀୟ ଲୋକ ଅଦାଲତ ମାଲକାନଗିରି ସମସ୍ତ ବିଚାରାଳୟ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତରେ ମାଲକାନଗିରି ଜିଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଡା. ପ୍ରଶନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲା ଜଜ୍ ଶାନ୍ତନୁ କୁମାର ଦାସ, ମୁଖ୍ୟ ବିଚାରବିଭାଗୀୟ ଅଧିକାରୀ ସତ୍ୟପ୍ରିୟ ଦାସ, ବରିଷ୍ଠ ଦେୱାନି ବିଚାରପତି ବିଜୟ କୁମାର ଦାସ, ଜିଲା ଆଇନସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେୱାନି ବିଚାରପତି ସୁଶ୍ରୀ ସଙ୍ଗୀତା ପାତ୍ର, ଉପଖଣ୍ଡ ଦଣ୍ଡାଧିକାରୀ ପ୍ରତିମା ସାହୁ, ଗ୍ରାମ ନ୍ୟାୟାଧିକାରୀ ଦେବେନ୍ଦ୍ରନାଥ ବାଘ, ମାଥିଲି ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ପଦ୍ମଲାଭ ମାଝୀ, ମୋଟୁ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ପ୍ରବୀଣ କୁମାର ହୋତା ଓ କୁଡୁମୁଲୁଗୁମ୍ମା ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ବିମଳ ଲକ୍ଷ୍ମୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦ୍ଦମାର ଫଇସଲା କରିଥିଲେ। ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ମୋଟ ୫୪୮୧ଟି ମୋକଦ୍ଦମାର ଫଇସଲା କରାଯାଇ ୩୮,୧.୦୩୮ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ଲୋକ ଅଦାଲତରେ ସମସ୍ତ କୋର୍ଟର କର୍ମଚାରୀ ଓ ମାଲକାନଗିରି ଓ ମୋଟୁର ଓକିଲ ସଂଘର ସଭ୍ୟ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ବଡ଼ଯାତ୍ରାରେ ଓକିଲ ସଂଘ ପକ୍ଷରୁ ଭକ୍ତଙ୍କୁ ଥଣ୍ଡା ପାନୀୟ ବଣ୍ଟନ

ମାଲକାନଗିରି, ୮।୩(ନୃସିଂହ ଚରଣ ମହାନ୍ତି)

ବଡଯାତ୍ରା ପାଇଁ ମାଲକାନଗିରି ସହରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଛି। ତେବେ ବିଭିନ୍ନ ରାଜ୍ୟ ଓ ଜିଲ୍ଲାରୁ ବହୁ ସଂଖ୍ୟକ ଭକ୍ତ ଆସିଥିବା ବେଳେ ପ୍ରବଳ ଗରମ ମଧ୍ୟରେ ଭକ୍ତଙ୍କ ତୃଷ୍ଣା ନିବାରଣ ପାଇଁ ଜିଲା ଓକିଲ ସଂଘ ପକ୍ଷରୁ ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା। ପ୍ରାୟ ୩୮ ଡିଗ୍ରୀ ତାପମାତ୍ରା ମଧ୍ୟରେ ଜନଗହଳି ଯୋଗୁଁ ଲୋକେ ଖାଦ୍ୟ ଓ ପାନୀୟ ଜଳ ପାଇଁ ସମସ୍ୟା ଭୋଗୁଥିବାରୁ ଓକିଲ ସଂଘ ପକ୍ଷରୁ ଏହି ପାନୀୟ ଜଳ ପ୍ରଦାନ କରାଯାଇଥିଲା। ଜିଲା ପୋଲିସ ବିଭାଗ, ସାଇ ସେବା ସମିତି, ବଡ ଯାତ୍ରା କମିଟି, ଜୟ ମାଲକାନଗିରି ଟିମ୍ ଭଳି ଅନେକ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦ ଓ ଅନ୍ନଭୋଗ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଓକିଲ ସଂଘର ସଭାପତି ପ୍ରୀତପାଲ ସିଂଙ୍କ ନେତୃତ୍ୱରେ ପ୍ରଥମ ଥର ପାଇଁ ଏପରି ଆୟୋଜନ କରାଯାଇଥିବା ବେଳେ ସଂଘର ଆନ୍ୟ କର୍ମକର୍ତ୍ତା ଙ୍କ ସହ ଆଇନଜୀବୀମାନେ ଏଥିରେ ସହଯୋଗ କରିଥିଲେ।

## ଏମ୍ଭି–୨୬ ଗାଁ ପୋଖରୀରେ କୁମ୍ଭୀର

### ଆତଙ୍କରେ ଗ୍ରାମବାସୀ

କୋରୁକୋଣ୍ଡା, ୮।୩(ଶିବଦତ୍ତ ସାହୁ )


ପୋଖରୀରେ ଭାସୁଥିବା କୁମ୍ଭୀର।

କୋରୁକୋଣ୍ଡା ବ୍ଲକ୍ ଅଧୀନ ମାରିୱାଡା ଗ୍ରାମପଞ୍ଚାୟତ ଅଧୀନ ଏମ୍ଭି–୨୬ ଗ୍ରାମ ପୋଖରୀରେ ଏକ କୁମ୍ଭୀର ରହିଥିବା ଗ୍ରାମବାସୀ ଦେଖିବାକୁପାଇଛନ୍ତି। ଗ୍ରାମବାସୀ ତୁରନ୍ତ ଏ ସମ୍ପର୍କରେ ବନ ବିଭାଗକୁ ସୂଚନା ଦେବା ପରେ କର୍ମଚାରୀମାନେ ପୋଖରୀ ନିକଟରେ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଥିଲା। ଗ୍ରାମବାସୀଙ୍କୁ ସଜାଗ ରହିବା ନିମନ୍ତେ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବନଖଣ୍ଡ ଅଧିକାରୀ ରମେଶ ରାଉତ, ବନପାଳ ଜ୍ୟୋତି ଡୁମଡୁମ, ବନରକ୍ଷୀ ବାସନ୍ତୀ ମାଡକାମୀଙ୍କ ସମେତ ଅନ୍ୟ ବନ କର୍ମଚାରୀ ଉକ୍ତ ପୋଖରୀ ନିକଟକୁ ଯାଇ ଘଟଣାର ଆନୁଧ୍ୟାନ କରିଥିଲେ । କିନ୍ତୁ ପୋଖରୀଟି ବହୁ ବଡ ହୋଇଥିବା ସହିତ ପାଣି ଅଧିକ ଥିବାରୁ କୁମ୍ଭୀରକୁ ଉଦ୍ଧାର କରିବା କଷ୍ଟସାଧ ବୋଲି ବନଖଣ୍ଡ ଅଧିକାରୀ ରାଉତ କହିଛନ୍ତି। କିନ୍ତୁ ଆଗାମୀ ଦିନରେ କିପରି ଭାବେ କୁମ୍ଭୀରକୁ ଉଦ୍ଧାରକରି ଅନ୍ୟ ସ୍ଥାନକୁ ସ୍ଥାନନ୍ତର କରାଯିବ ସେ ନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନାକରି ଉଦ୍ଧାର କରାଯିବ ବୋଲି ରାଉତ କହିଛନ୍ତି।

## ଚାଷକାମ ପାଇଁ ଶ୍ରମଦାନ କଲେ ଅଞ୍ଚଳବାସୀ

### କେନାଲରେ ନାହିଁ ପାଣି

ଦଶମନ୍ତପୁର,୮।୩(ଅରବିନ୍ଦ ନାୟକ)


ଚାଷୀମାନେ କେନାଲ ଖୋଳୁଛନ୍ତି।

କେନାଲରେ ପାଣି ନ ଥିବାରୁ ୩ ବର୍ଷ ହେବ ୪ ଖଣ୍ଡ ଗ୍ରାମର ଚାଷୀ ଓ ଗ୍ରାମବାସୀ ଏକତ୍ରିତ ହୋଇ ଶ୍ରମଦାନକରି କେନାଲ ମରାମତି କରିଥିବା ନଜର ରହିଛି। ବାଣୁଆଗୁଡ଼ା, ବ୍ଲକ, ଡୁଡ଼ିଖୋଲା ଓ ନୂଆସାହି ଅଞ୍ଚଳଗୁଡ଼ିକରେ ଥିବା ଚାଷୀଙ୍କ ଚାଷ ଜମିରେ ଜଳସେଚନ ପାଇଁ ଗୌଡ଼ ବାରିକେଣ୍ଡା ଗ୍ରାମରେ ଏକ ଡ୍ୟାମ୍ ନିର୍ମାଣ କରାଯାଇଛି। କିନ୍ତୁ ଏହି ଡ୍ୟାମ୍ର ଆବଶ୍ୟକ ଜଳ ନୂଆସାହିରେ ସେଚିତ ହେଉଥିବା ବେଳେ ବାଣୁଆଗୁଡ଼ା, ବ୍ଲକ୍ ଓ ଡୁଡ଼ିଖୋଲା ଅଞ୍ଚଳର ଚାଷଜମିକୁ ଦୀର୍ଘ ୩ ବର୍ଷ ହେବ ପାଣି ମାଡୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ଜଳକର ଦେଉଥିବା ବେଳେ ଏମ୍ଆଇ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଅଧିକାରୀମାନେ କାହିଁକି ଏଭଳି ଅଣଦେଖା କରୁଛନ୍ତି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ବ୍ଲକ୍ରେ ହେଉଥିବା ସମିତି ବୈଠକଠାରୁ ଆରମ୍ଭକରି ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଅନେକଥର ଚାଷୀଙ୍କ ଚାଷ ଜମିରେ କେନାଲରୁ ପାଣି ଆସୁ ନ ଥିବା ବେଳେ ଅଧିକାଂଶ କୂଅ ଓ ନଳକୂପଗୁଡ଼ିକ ମାର୍ଚ୍ଚ ମାସର ପ୍ରାରମ୍ଭରୁ ଜଳସ୍ତର ଶୁଖିଯାଉଛି। କେନାଲର ପାଣି ଚାଷଜମିକୁ କିପରି ମାଡ଼ିବ ଅଭିଯୋଗ କରାଯାଉଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବା ଚାଷୀମାନେ କହିଛନ୍ତି। ତେଣୁ ବାଧ୍ୟହୋଇ ୪ ଖଣ୍ଡ ଗାଁ ଲୋକେ ଏକ ବୈଠକରେ ନିଷ୍ପତ୍ତି ନେଇ ପ୍ରତି ଘରୁ ଜଣେ ଲେଖାଏ ବାହାରି ବାଣୁଆଗୁଡ଼ା ଗାଁରୁ ଗୌଡ଼ ବାରିକେଣ୍ଡାର ପ୍ରାୟ ଦେଢ଼ କି.ମି. ଯାଏ ଶୁଖିଲା କେନାଲରେ ପଡ଼ିଥିବା ଅଳିଆ ଆବର୍ଜନାଗଡ଼ିକୁ ଶ୍ରମଦାନକରି ସଫା କରୁଥିବା ଚାଷୀମାନେ କହିଛନ୍ତି। ଏହି କେନାଲର ମରାମତି ଓ ପୁନରୁଦ୍ଧାର ପାଇଁ ଏମ୍ଆଇ ବିଭାଗ ପକ୍ଷରୁ ବହୁ କୋଟି ଟଙ୍କା ଆସୁଥିଲେ ସୁଦ୍ଧା ଠିକାଦାରମାନେ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଅଧିକାରୀ ସହ ସଲାସୁତୁରା ହୋଇ ନିମ୍ନମାନର କାର୍ଯ୍ୟ କରୁଥିବାରୁ କେନାଲ ଶୁଖିଲା ପଡିବା ସହ ଚାଷ ଜମିକୁ ମଧ୍ୟ ପାଣି ମାଡୁନାହିଁ। ଫଳରେ ଚାଷକାମରେ ସମସ୍ୟା ହେଉଥିବା ଚାଷୀମାନେ କହିଛନ୍ତି। ଖୁବ୍ଶୀଘ୍ର ଡ୍ୟାମ୍ରୁ କେନାଲରେ ପାଣି ନ ଆସିଲେ ଆଗାମୀ ଦିନରେ ବ୍ଲକ୍, ଏମ୍ଆଇ ବିଭାଗରେ ତାଲା ପକାଇବା ସହ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ନେଇ ଚାଷୀ ଚେତାବନୀ ଦେଇଛନ୍ତି।

## ଶିବିରରୁ ୨୫ ୟୁନିଟ୍ ରକ୍ତ ସଂଗ୍ରହ

କୁନ୍ଦୁରା,୮।୩(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଉପକଣ୍ଠସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଗଣେଶ ପ୍ରସାଦ ଦାସଙ୍କ ନେତୃତ୍ୱରେ ଶିବିରରୁ ୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ବିଶେଷଜ୍ଞମାନଙ୍କ ଦ୍ୱାରା କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରକ୍ତ ସଂଗ୍ରହ କରାଯାଇଥିଲା। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ସଙ୍କଟ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ଆଗାମୀ ଦିନରେ ପୁଣି ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ରକ୍ତଦାତା ପ୍ରବର୍ତ୍ତକ ଫୋରମର ସଦସ୍ୟ ତଥା ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ କହିଛନ୍ତି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପଦ୍ମନାଭ ବିଷୋୟୀ, ଉପେନ୍ଦ୍ର ଭଞ୍ଜ,ଭଗବାନ ପଣ୍ଡା, ତୁଷାର ଭଞ୍ଜ, ଟିମର ବୁଲୁ ଗୌଡ଼, ଅଭୟ ପଣ୍ଡା,ଶୁଭଶ୍ରୀ ମିଶ୍ର ଓ ଦୟା ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଆଇନକୁ ନେଇ ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ସେମିଳିଗୁଡ଼ା/ସୁନାବେଡ଼ା,୮।୩ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ଗତ ବର୍ଷ ଜୁଲାଇ ୧ରେ କେନ୍ଦ୍ର ସରକାର ପ୍ରଣୟନ କରିଥିବା ନୂଆ ଆଇନ ସଂସ୍କାରକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେମିଳିଗୁଡ଼ା ଆଦର୍ଶ ଥାନା ପରିସରରେ ଶନିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେମିଳିଗୁଡା ଥାନା ଦାୟିତ୍ୱରେ ଥିବା ସୁନାବେଡା ଥାନା ଅଧିକାରୀ ସୁସୁମା କୁହଁର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସୁନାବେଡ଼ା ଏସ୍ଡିପିଓ ସୁମିତ୍ରା ଜେନା ଓ ସେମିଳିଗୁଡା ଥାନା ଏସ୍ଆଇ ବାବାଜୀ ଚରଣ କୁହଁର ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଅନେକ ବୁଦ୍ଧିଜୀବୀ, ବ୍ୟବସାୟୀ ପ୍ରତିଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଗତ ଜୁଲାଇରୁ ଲାଗୁ ହୋଇଥିବା ନୂଆ ଆଇନ ସଂସ୍କାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ନୂତନ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମର ପରିବର୍ତ୍ତନ ହୋଇଥିବା ସମସ୍ତ ଆଇନ ସମ୍ପର୍କରେ ସୁନାବେଡ଼ା ଏସ୍ଡିପିଓ ଜେନା ଲୋକଙ୍କୁ ବୁଝାଇଥିଲେ।

## ୨୯ରେ ଓକିଲ ସଂଘ ନିର୍ବାଚନ

### ବିଭିନ୍ନ ପଦ ପାଇଁ ୨୭ ନାମାଙ୍କନ ଦାଖଲ

ଜୟପୁର,୮।୩(ପବନ ପାଣିଗ୍ରାହୀ)

ଜୟପୁର ଓକିଲ ସଂଘ ନିର୍ବାଚନ ପାଇଁ ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ନାମାଙ୍କନପତ୍ର ଦାଖଲ ଶୁକ୍ରବାର ସମାପ୍ତ ହୋଇଛି। ଶେଷ ଦିନରେ ବିଭିନ୍ନ ପଦବୀ ପାଇଁ ମୋଟ ୨୭ଜଣ ନାମାଙ୍କନ ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ଦାଶରଥି ପଟ୍ଟନାୟକଙ୍କ ନିକଟରେ ୨୭ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ମାର୍ଚ୍ଚ ୩ରୁ ପ୍ରାର୍ଥୀପତ୍ର ବିକ୍ରୟ ଆରମ୍ଭ ହୋଇ ୭ ମଧ୍ୟରେ ସଭାପତି ପଦ ୫ଟି, ଉପସଭାପତି ପଦ ୨ଟି, ସମ୍ପାଦକ ପଦ ନିମନ୍ତେ ୩ଟି, ଯୁଗ୍ମ ସମ୍ପାଦକ ଗୋଟିଏ, ସହକାରୀ ସମ୍ପାଦକ(ମହିଳା) ଗୋଟିଏ, ଲାଇବ୍ରେରି ସମ୍ପାଦକ ପାଇଁ ୨, ସହକାରୀ ଲାଇବ୍ରେରି ସମ୍ପାଦକ(ମହିଳା) ଗୋଟିଏ, କୋଷାଧ୍ୟକ୍ଷ ପଦ ପାଇଁ ୨ ଓ କାର୍ଯ୍ୟକାରୀ ସଦସ୍ୟ ୧୦ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ ପଟ୍ଟନାୟକଙ୍କୁ ନାମାଙ୍କନପତ୍ର ଗ୍ରହଣ କରିବାରେ ଆଇନଜୀବୀ ଜ୍ୟୋତିରଞ୍ଜନ ପୂଜାରୀ ଓ ଏସ୍ଏସ୍ ସୁନ୍ଦରମ୍ ସହଯୋଗ କରିଛନ୍ତି। ଶନିବାର ପ୍ରାର୍ଥୀ ତାଲିକା ପ୍ରକାଶ ହେବା ପରେ ମାର୍ଚ୍ଚ ୯ରେ ପ୍ରାର୍ଥୀପତ୍ର ଯାଞ୍ଚ, ମାର୍ଚ୍ଚ ୧୦ରେ ବୈଧ ତାଲିକା ପ୍ରକାଶ, ୧୨ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୧୩ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମାର୍ଚ୍ଚ ୨୯ ସକାଳ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହେବ। ଅପରାହ୍ନ ୪ଟାରେ ଭୋଟ ଗଣତି କରାଯିବ ବୋଲି ନିର୍ବାଚନ ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିଦିନ ରାଜ୍ୟର ସମସ୍ତ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ୩ ଲକ୍ଷ ମହିଳାଙ୍କ ଖାତାକୁ ଗଲା ୧୫୦ କୋଟି ଟଙ୍କା

### ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ

କୋରାପୁଟ,୮।୩(ଅମିତାଭ ବେହେରା)



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

କୋରାପୁଟ ପୋଲିସ ପଡ଼ିଆରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଓ ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ପ୍ରାୟ ୩ ଲକ୍ଷ ହିତାଧିକାରୀଙ୍କୁ ୫ ହଜାର ଲେଖାଏ ୧୫୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଜିଲାପାଳ ଭି.କୀର୍ତ୍ତି ଭାସନ କହିଛନ୍ତି। ମହିଳା ଦିବସରେ ଜିଲାପାଳ ଭାସନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଓ କୋଟପାଡ଼ ଏନ୍ଏସି ଅଧ୍ୟକ୍ଷ ଏମ୍.ଶଙ୍କର ରାଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପୋଷଣ ଅଭିଯାନ କାର୍ଯ୍ୟକ୍ରମର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାର ଶ୍ରେଷ୍ଠ ଶିଶୁ ବିକାଶ ଅଧିକାରୀ ଭାବେ ସେମିଳିଗୁଡା ସିଡିପିଓ ବିନୋଦିନୀ ବେହେରାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ସୁପରଭାଇଜର ଭାବେ ବୈପାରୀଗୁଡାର ଚନ୍ଦ୍ରବତୀ ମଣ୍ଡଳ ଓ ବୋରିଗୁମ୍ମାର ଶର୍ମିଷ୍ଠା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀ ଭାବେ ପାର୍ବତୀ ନାୟକ, ଦୂତିକା ହାଲବା, ଅଞ୍ଜନା ହିକକା ଓ ଶକୁନ୍ତଳା ହିମେରିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ହେଲପର ଭାବେ ଦନମତି ଚପାଡ଼ି, ଗୌରୀ ଦୁଆରୀ ଓ ଏ.କମଳାଙ୍କୁ ସମ୍ବର୍ଦ୍ଧିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଦେଇଥିଲେ।

